# NATIONAL NEWS BULLETIN (ODIA)

**14 December- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ଶକ୍ତି ସଂରକ୍ଷଣ ଏବଂ ସ୍ୱଚ୍ଛଶକ୍ତି କ୍ଷେତ୍ରରେ ଭାରତ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି - କହିଲେ ରାଷ୍ଟ୍ରପତି ।

- ଆସନ୍ତାକାଲିଠାରୁ ତିନିରାଷ୍ଟ୍ର ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ ।

- ବିରାଙ୍ଗନା ଦୁର୍ଗାବତୀ ବ୍ୟାଘ୍ର ଅଭୟାରଣ୍ୟ ଚିତା ବାଘଙ୍କର ନୂତନ ବାସସ୍ଥାନ ହେବ ବୋଲି ସୂଚନାଦେଲେ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ।

- ଗାଜାଷ୍ଟ୍ରିପ୍‌ରେ ଇସ୍ରାଏଲ ଆକ୍ରମଣରେ ହମାସ୍‌ର ସାମରିକ ଶାଖା ଅସ୍ତ୍ରଶସ୍ତ୍ର ଉତ୍ପାଦନ ମୁଖ୍ୟ ରାଦ୍‌ସାଦ୍‌ଙ୍କ ମୃତ୍ୟୁ ।

ଏବଂ

- ମୁମ୍ବାଇରେ ପହଞ୍ଚିଲେ ତିନିଦିନିଆ ଭାରତ ଗସ୍ତରେ ଥିବା ଖ୍ୟାତନାମା ଫୁଟବଲ ଖେଳାଳି ଲିଓନେଲ ମେସି ।

## ପ୍ରେଜ୍-ଏନର୍ଜି କନଜରଭେସନ ଡେ

ଶକ୍ତି ସଂରକ୍ଷଣର ଗୁରୁତ୍ୱ ଉପରେ ସଚେତନତା ସୃଷ୍ଟି କରିବା ଏବଂ ଏ କ୍ଷେତ୍ରରେ ଦେଶର ସଫଳତାକୁ ପ୍ରତିପାଦନ କରିବା ଲକ୍ଷ୍ୟ ନେଇ ଆଜି ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳନ କରାଯାଉଛି । ନୂଆଦିଲ୍ଲୀଠାରେ ଏହି ଅବସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି ଶକ୍ତି ସଂରକ୍ଷଣ ବର୍ତ୍ତମାନ ସମୟର ବଡ ଆବଶ୍ୟକତା । ସଞ୍ଚିତ ପ୍ରତ୍ୟେକ ୟୁନିଟ୍ ଶକ୍ତି ପ୍ରକୃତିପ୍ରତି ଦାୟିତ୍ୱବୋଧକୁ ପ୍ରତିଫଳନ କରିବା ସହ ଭବିଷ୍ୟତ ପୀଢ଼ି ପାଇଁ ଯତ୍ନ ଏବଂ ସମ୍ବେଦନଶୀଳତା ପ୍ରଦର୍ଶନ କରେ ବୋଲି ରାଷ୍ଟ୍ରପତି କହିଛନ୍ତି । ଶକ୍ତି ସଂରକ୍ଷଣ ଏବଂ ସ୍ୱଚ୍ଛଶକ୍ତି ପରିବର୍ତ୍ତନ କ୍ଷେତ୍ରରେ ଭାରତ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି । ନିର୍ଦ୍ଧାରିତ ସମୟସୀମା ପୂର୍ବରୁ ଭାରତ ସ୍ୱଚ୍ଛଶକ୍ତି କ୍ଷେତ୍ରରେ ନିଜର ପ୍ରତିବଦ୍ଧତାକୁ ପୂରଣ କରିସାରିଛି ବୋଲି ରାଷ୍ଟ୍ରପତି କହିଛନ୍ତି ସେ କହିଛନ୍ତି ଶକ୍ତି ଦକ୍ଷତା ଏବଂ ଅଙ୍ଗାରକାମ୍ଳ ନିର୍ଗମନକୁ ହ୍ରାସ କରିବା କ୍ଷେତ୍ରରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ।

**V/O (Prez - Energy)**

ଏହି ଅବସରରେ ରାଷ୍ଟ୍ରପତି ଜାତୀୟ ଶକ୍ତି ସଂରକ୍ଷଣ ପୁରସ୍କାର ୨୦୨୫ ଏବଂ ଶକ୍ତି ସଂରକ୍ଷଣ ଆଧାରିତ ଜାତୀୟ ଚିତ୍ରକଳା ପ୍ରତିଯୋଗିତାର ବିଜେତାଙ୍କୁ ପୁରସ୍କାର ପ୍ରଦାନ କରିଛନ୍ତି ।

# ପି.ଏମ୍. - ଥ୍ରୀ ନେସନ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲିଠାରୁ  ଜୋର୍ଡ଼ାନ୍, ଇଥିଓପିଆ ଏବଂ ଓମାନ୍ ଗସ୍ତରେ ଯିବେ । କିଙ୍ଗ୍ ଅବଦୁଲ୍ଲା ଦ୍ୱିତୀୟ ବିନ୍ ଅଲ୍ ହୁସେନ୍ଙ୍କ ନିମନ୍ତ୍ରଣକ୍ରମେ ପ୍ରଧାନମନ୍ତ୍ରୀ ଆସନ୍ତାକାଲି ଏବଂ ମଙ୍ଗଳବାର ଜୋର୍ଡ଼ାନ୍ ଗସ୍ତ କରିବେ । ଭାରତ ଏବଂ ଜୋର୍ଡ଼ାନ୍ ମଧ୍ୟରେ କୂଟନୈତିକ ସମ୍ପର୍କର ୭୫ ବର୍ଷ ପାଳନ ଉପଲକ୍ଷେ ଶ୍ରୀ ମୋଦିଙ୍କ ଏହି ଗସ୍ତ ବେଶ୍ ଗୁରୁତ୍ୱପୂର୍ଣ୍ଣ ମନେକରାଯାଉଛି । ଜୋର୍ଡାନରେ ୧୭ହଜାର ୫୦୦ରୁ ଅଧିକ ପ୍ରବାସୀ ଭାରତୀୟ ହାସ୍‌ମି ସାମ୍ରାଜ୍ୟର  ଅର୍ଥନୈତିକ ଏବଂ

ସାମାଜିକ ଉନ୍ନତିର ଅବିଚ୍ଛେଦ୍ୟ ଅଂଶ ପାଲଟିଛନ୍ତି । ବୟନଶିଳ୍ପ, ନିର୍ମାଣ ଏବଂ ଉତ୍ପାଦନ ସମେତ ବିଭିନ୍ନ କ୍ଷେତ୍ରରେ ପ୍ରବାସୀ ଭାରତୀୟ ନିଜର ଉତ୍କର୍ଷ ପ୍ରତିପାଦନ କରିଥିବାବେଳେ ଦୁଇଦେଶ ମଧ୍ୟରେ ସମ୍ପର୍କ ବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ପ୍ରଦାନ କରୁଛନ୍ତି । ଜୋର୍ଡାନର ପୋଷାକ ଏବଂ ବୟନଶିଳ୍ପ କ୍ଷେତ୍ରକୁ ପ୍ରବାସୀ ଭାରତୀୟ ପ୍ରାୟ ୫୦୦ ନିୟୁତ ଆମେରିକୀୟ ଡଲାର ନିବେଶ ମାଧ୍ୟମରେ ସମୃଦ୍ଧ କରିଛନ୍ତି । ଏହାବ୍ୟତୀତ ଜୋର୍ଡାନରେ ସ୍ୱାସ୍ଥ୍ୟସେବା, ସୂଚନା ଓ ପ୍ରଯୁକ୍ତି ବିଦ୍ୟା, ଆର୍ଥିକ କ୍ଷେତ୍ର, ସାର କମ୍ପାନୀ, ବିଶ୍ୱବିଦ୍ୟାଳୟ ତଥା ବହୁପକ୍ଷୀୟ ସଂଗଠନ ସମେତ ବିଭିନ୍ନ କ୍ଷେତ୍ରରେ ପ୍ରବାସୀ ଭାରତୀୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛନ୍ତି । ଏହି ଗସ୍ତ ଅବସରରେ ଶ୍ରୀ ମୋଦୀ ରାଜଧାନୀ ଅମାନଠାରେ ପ୍ରବାସୀ ଭାରତୀୟ ସମ୍ପ୍ରଦାୟଙ୍କ ସହ ଭାବ ବିନିମୟ କରିବାର କାର୍ଯ୍ୟସୂଚୀ ରହିଛି ।

ଏହାପରେ ଶ୍ରୀ ମୋଦୀ ବୁଧବାର ପର୍ଯ୍ୟନ୍ତ ଇଥିଓପିଆ ଗସ୍ତ କରିବେ । ଏହି ଗସ୍ତ ଭାରତ ଦକ୍ଷିଣ-ଆଫ୍ରିକା ସହଯୋଗକୁ ଅଧିକ ସୁଦୃଢ଼ କରିବ ବୋଲି ଆଶା କରାଯାଉଛି ।

ଗସ୍ତର ଚୂଡ଼ାନ୍ତ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଗୁରୁବାର ପର୍ଯ୍ୟନ୍ତ ଓମାନ ଗସ୍ତରେ ଯିବେ । ଉଭୟ ଦେଶ ମଧ୍ୟରେ ଥିବା ବ୍ୟାବସାୟିକ ସମ୍ପର୍କ ଏବଂ ଲୋକସମ୍ପର୍କକୁ ବୃଦ୍ଧି କରିବାପାଇଁ ଏହି ଗସ୍ତ ଅବସରରେ ଭାରତ ଓ ଓମାନ୍ ମଧ୍ୟରେ କେତେକ ଚୁକ୍ତିନାମା ସ୍ୱାକ୍ଷରିତ ହେବାର କାର୍ଯ୍ୟସୂଚୀ ରହିଛି ।

# ବିଜେପି - କଂଗ୍ରେସ ର୍ୟାଲି

ଦେଶରେ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ନେଇ କଂଗ୍ରେସ ଦ୍ୱନ୍ଦ୍ୱ ସୃଷ୍ଟି କରୁଛି ବୋଲି ବିଜେପି ଅଭିଯୋଗ କରିଛି । ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସମ୍ବୋଧନ କରି ବିଜେପିର ମୁଖପାତ୍ର ସମ୍ବିତ ପାତ୍ର କହିଛନ୍ତି ସଂସଦରେ ନିର୍ବାଚନ ସଂସ୍କାର ଉପରେ ବ୍ୟାପକ ଆଲୋଚନା ହୋଇଛି । ଆଲୋଚନାକାଳରେ ବିରୋଧୀଙ୍କ ଦ୍ୱାରା ଉଠାଯାଇଥିବା ପ୍ରସଙ୍ଗ ଗୁଡ଼ିକର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଉତ୍ତର ଦେଇସାରିଛନ୍ତି । କଂଗ୍ରେସ ଭାରତର ସାମ୍ବିଧାନିକ ସଂସ୍ଥାଗୁଡ଼ିକୁ ଅସମ୍ମାନ ପ୍ରଦର୍ଶନ କରୁଛି ବୋଲି ଶ୍ରୀ ପାତ୍ର ଅଭିଯୋଗ କରିଛନ୍ତି ।

**V/O (Sambit Patra)**

# ଏମ୍‌ପି-ଚିତା

ମଧ୍ୟପ୍ରଦେଶର ବିରାଙ୍ଗନା ଦୁର୍ଗାବତୀ ବ୍ୟାଘ୍ର ଅଭୟାରଣ୍ୟ ଚିତାବାଘଙ୍କର ନୂତନ ବାସସ୍ଥାନ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଯାଦବ କହିଛନ୍ତି । ଆସନ୍ତାବର୍ଷ ବର୍ଷା ଋତୁ ପୂର୍ବରୁ ଚିତାବାଘଙ୍କୁ ସେଠାକୁ ସ୍ଥାନାନ୍ତର କରାଯିବ ବୋଲି ସେ ସୂଚନା ଦେଇଛନ୍ତି । ସାଗର ଜିଲ୍ଲାର ନୌରାଦେହିଠାରେ ଅବସ୍ଥିତ ଏହି ବ୍ୟାଘ୍ର ଅଭୟାରଣ୍ୟକୁ ରାଜ୍ୟରେ ଚିତାବାଘଙ୍କର ତୃତୀୟ ଆବାସସ୍ଥଳୀ ଭାବେ ବିକଶିତ କରିବାକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଥିବା ସେ କହିଛନ୍ତି । ୨୦୨୨ ସେପ୍ଟେମ୍ବର ମାସରେ ସେଓପୁରର କୁନୋ ଜାତୀୟ ଉଦ୍ୟାନ ପ୍ରଥମ ଏବଂ ଗତ ଏପ୍ରିଲରେ ମନ୍ଦସୌରର ଗାନ୍ଧୀସାଗର ଅଭୟାରଣ୍ୟ ଚିତାଙ୍କ ଦ୍ୱିତୀୟ

ବାସସ୍ଥଳୀ ହୋଇଛି । ଚିତା ପ୍ରକଳ୍ପ ଉପରେ ଆଲୋକପାତ କରି ଶ୍ରୀ ଯାଦବ କହିଛନ୍ତି ଚିତାବାଘଙ୍କ ପୁନଃ ଥଇଥାନକୁ ସଫଳତାର ସହ କାର୍ଯ୍ୟକ୍ଷମ କରିବାରେ ମଧ୍ୟପ୍ରଦେଶ ବିଶ୍ୱର ଏକମାତ୍ର ସ୍ଥାନ ହୋଇଛି । କୁନୋ ଜାତୀୟ ପାର୍କରେ ୨୮ଟି ଏବଂ ଗାନ୍ଧୀସାଗର ଅଭୟାରଣ୍ୟରେ ୨ଟି ଚିତାବାଘ ରହିଛନ୍ତି । ଆସନ୍ତା ଜାନୁଆରୀରେ ବୋତସ୍ୱାନାରୁ ୮ଟି ଚିତାବାଘ କୁନୋ ଜାତୀୟ ପାର୍କକୁ ଅଣାଯିବ ବୋଲି ଶ୍ରୀ ଯାଦବ କହିଛନ୍ତି ।

## ଇସ୍ରାଏଲ-ହମାସ୍ କିଲ୍ଡ

ଗାଜା ଷ୍ଟ୍ରିପ୍‌ରେ ଇସ୍ରାଏଲ ଆକ୍ରମଣରେ ହମାସ୍‌ର ସାମରିକ ଶାଖାର ଅସ୍ତ୍ରଶସ୍ତ୍ର ଉତ୍ପାଦନ ମୁଖ୍ୟ ରାଦସାଦ୍‌ଙ୍କର ମୃତ୍ୟୁ ହୋଇଛି । ଇସ୍ରାଏଲ ସେନା କହିଛି ଗତକାଲି ନିର୍ଦ୍ଦିଷ୍ଟ ସ୍ଥାନକୁ ଲକ୍ଷ୍ୟକରି ହୋଇଥିବା ଆକ୍ରମଣରେ ସାଦ୍‌ଙ୍କର ମୃତ୍ୟୁ ହୋଇଛି । ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଏବଂ ପ୍ରତିରକ୍ଷା ମନ୍ତ୍ରୀ ଇସ୍ରାଏଲ କାଟଜ ଏକ ମିଳିତ ବିବୃତ୍ତିରେ କହିଛନ୍ତି ୨୦୨୩ ଅକ୍ଟୋବର ୭ ତାରିଖରେ ଇସ୍ରାଏଲ ଉପରେ ହୋଇଥିବା ଆକ୍ରମଣର ସାଦ୍ ମୁଖ୍ୟ ଥିଲେ । ଉଭୟ ଦେଶ ମଧ୍ୟରେ ଯୁଦ୍ଧର ସାଦ୍ ହିଁ ସୂତ୍ରଧର ଥିଲେ ବୋଲି ସେମାନେ କହିଛନ୍ତି । ପୂର୍ବରୁ ଇସ୍ରାଏଲ ସେନା କହିଥିଲା ଦକ୍ଷିଣ ଗାଜାରେ ଆତଙ୍କବାଦୀ ଭିତ୍ତିଭୂମି ନଷ୍ଟ କରିବା ବେଳେ ବିସ୍ଫୋରଣ ଘଟିବାରୁ ୨ଜଣ ରିଜର୍ଭ ସୈନିକ ସାମାନ୍ୟ ଆହତ ହୋଇଥିଲେ ।

# ଇଣ୍ଡୋନେସିଆ ନ୍ୟାଚୁରାଲ ଡିଜେଷ୍ଟର

ଇଣ୍ଡୋନେସିଆରେ ଗତ ୧୫ ଦିନ ମଧ୍ୟରେ ଉତ୍ତର-ପଶ୍ଚିମ ଦ୍ୱୀପ ସୁମାତ୍ରାରେ ଘଟିଥିବା ପ୍ରଳୟଙ୍କରୀ ବନ୍ୟା ଏବଂ ଭୂସ୍ଖଳନରେ ୧ ହଜାରରୁ ଅଧିକ ଲୋକଙ୍କର ମୃତ୍ୟୁ ହୋଇଛି । ୨୦୦ରୁ ଅଧିକ ଲୋକ ଏବେ ମଧ୍ୟ ନିଖୋଜ ଥିବା ଜଣାପଡିଛି । ୫ ହଜାରରୁ ଅଧିକ ଆହତ ହୋଇଛନ୍ତି । ୧ଲକ୍ଷରୁ ଅଧିକ ଘର ଏବଂ ନିର୍ମାଣକ୍ଷେତ୍ର କ୍ଷତିଗ୍ରସ୍ତ ହୋଇଛି । ଏବେମଧ୍ୟ ସେଠାରେ ଉଦ୍ଧାର ଓ ରିଲିଫ କାର୍ଯ୍ୟ ଜାରି ରହିଛି । ରାଷ୍ଟ୍ରପତି ପ୍ରୋବୋଓ୍ୱ ସୁବିଆଣ୍ଟୋ କହିଛନ୍ତି ପରିସ୍ଥିତିରେ ସାମାନ୍ୟ ସୁଧାର ଆସିଛି । ବିଚ୍ଛିନ୍ନ ହୋଇଥିବା ଅନେକ ଅଞ୍ଚଳରେ ଉଦ୍ଧାର ଓ ରିଲିଫ ଦଳ ପହଞ୍ଚିଛନ୍ତି । କ୍ଷତିଗ୍ରସ୍ତ ଅଞ୍ଚଳରେ ପୁନଃ ନିର୍ମାଣ ବାବଦ ଖର୍ଚ୍ଚ ୩ ବିଲିୟନ ଡଲାର ହେବା ନେଇ ଆକଳନ କରାଯାଇଛି ।

ମାଲାକ୍କା ପ୍ରଣାଳୀ ଉପରେ ସୃଷ୍ଟ ଶକ୍ତିଶାଳୀ ଘୂର୍ଣ୍ଣିଝଡ଼ ପ୍ରଭାବରେ ଦକ୍ଷିଣପୂର୍ବ ଏସୀୟ ଦେଶଗୁଡ଼ିକର କେତେକ ଅଞ୍ଚଳରେ ପ୍ରବଳ ବର୍ଷା ଏବଂ ଭୂସ୍ଖଳନ ହୋଇଥିଲା । ଏହାର ପ୍ରଭାବ ଶ୍ରୀଲଙ୍କା, ଥାଇଲାଣ୍ଡ, ମାଲେସିଆ ଏବଂ ଭିଏତ୍‌ନାମରେ ଦେଖିବାକୁ ମିଳିଥିଲା । ସେହିସବୁ ଦେଶଗୁଡ଼ିକରେ ପ୍ରାୟ ୨ହଜାର ଲୋକଙ୍କର ମୃତ୍ୟୁ ହୋଇଛି ।

# ବାଂଲାଦେଶ – ଇସି ସିକ୍ୟୁରିଟି

ବାଂଲାଦେଶରେ ଆଗାମୀ ଜାତୀୟ ସଂସଦୀୟ ନିର୍ବାଚନ ପରିପ୍ରେକ୍ଷୀରେ ସେଠାକାର ନିର୍ବାଚନ ଆୟୋଗ ଦେଶବ୍ୟାପୀ ନିର୍ବାଚନ ଅଧିକାରୀ ଏବଂ କାର୍ଯ୍ୟାଳୟପାଇଁ ଅତିରିକ୍ତ ସୁରକ୍ଷା ଲୋଡିଛି । ପୋଲିସ

ମହାନିରୀକ୍ଷକ ଏବଂ ଢ଼ାକା ମେଟ୍ରୋପଲିଟାନ ପୁଲିସକୁ ଏ ସମ୍ପର୍କରେ ଆୟୋଗଙ୍କ ପକ୍ଷରୁ ଚିଠି ଲେଖାଯାଇଛି । ନିର୍ବାଚନ କାର୍ଯ୍ୟସୂଚୀ ଘୋଷଣା ପରେ ବାଂଲାଦେଶରେ ପୁର୍ନବାର ଉତ୍ତେଜନା ପ୍ରକାଶ ପାଇଛି । ଶାନ୍ତିଶୃଙ୍ଖଳାର ସହ ନିର୍ବାଚନ ସଞ୍ଚାଳନ କରିବା ପାଇଁ ଆୟୋଗ ସୁରକ୍ଷା ସଂସ୍ଥାଗୁଡ଼ିକର ସହଯୋଗ କାମନା କରିଛି । ଗତ ୧୧ ତାରିଖରେ ନିର୍ବାଚନ ଆୟୋଗ ସଂସଦୀୟ ନିର୍ବାଚନ ନେଇ କାର୍ଯ୍ୟସୂଚୀ ଘୋଷଣା କରିଥିଲେ । ଏହାପରେ ସୃଷ୍ଟ ହିଂସାକାଣ୍ଡରେ ଇନ୍‌କିଲାବ ମଞ୍ଚର ଜଣେ ସ୍ୱାଧୀନ ସଂସଦୀୟ ପ୍ରାର୍ଥୀ ଏବଂ ମୁଖପାତ୍ର ସରିଫ ଓସମାନ ହାଦିଙ୍କୁ ଗୁଳିମାଡ଼ କରାଯାଇଥିଲା । ଦେଶବ୍ୟାପୀ ୧୦ଟି ଆଞ୍ଚଳିକ ୬୪ଟି ଜିଲ୍ଲା ଏବଂ ୫୨୨ଟି ଉପଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟ ସମେତ ସମସ୍ତ କ୍ଷେତ୍ରୀୟ ନିର୍ବାଚନ କାର୍ଯ୍ୟାଳୟକୁ ଦୃଢ଼ ସୁରକ୍ଷା ବ୍ୟବସ୍ଥା ପ୍ରଦାନ କରିବାକୁ ନିର୍ବାଚନ ଆୟୋଗ ଚିଠିରେ ଉଲ୍ଲେଖ କରିଛନ୍ତି । ଆସନ୍ତା ଫେବୃୟାରୀ ୧୨ ତାରିଖରେ ବାଂଲାଦେଶରେ ସଂସଦୀୟ ନିର୍ବାଚନ ହେବା ନେଇ ଆୟୋଗ ଘୋଷଣା କରିଛନ୍ତି ।

## କ୍ରିକେଟ୍ ଅଣ୍ଡର ନାଇଣ୍ଟିନ୍

୧୯ବର୍ଷରୁ କମ୍ ଏସିଆ କ୍ରିକେଟ କପ୍ ୨୦୨୫ ପ୍ରତିଯୋଗିତାରେ ଭାରତର ବ୍ୟାଟିଂ ଜାରି ରହିଛି । ଦୁବାଇର ଆଇସିସି ଏକାଡେମୀ ଗ୍ରାଉଣ୍ଡଠାରେ ଚାଲିଥିବା ଏହି ମ୍ୟାଚ୍‌ରେ ପାକିସ୍ତାନ ଟସ୍ ଜିତି ଭାରତକୁ ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା । ବର୍ଷା ଯୋଗୁଁ ଟସ୍ ପଡ଼ିବାରେ ବିଳମ୍ବ ହେବା ସହ ମ୍ୟାଚ୍‌କୁ ୪୯ ଓଭରକୁ ହ୍ରାସ କରାଯାଇଛି ।

ସମ୍ବାଦ ପ୍ରସ୍ତୁତ ହେଲାବେଳକୁ ଭାରତ ୩୩ ଓଭରରେ ୬ ୱିକେଟ୍ ହରାଇ ୧୮୨ ରନ୍ ସଂଗ୍ରହ କରିଛି । ଏସିଆନ୍ କ୍ରିକେଟ୍ ପରିଷଦ ଦ୍ୱାରା ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ଆୟୁଷ ମାହାତ୍ରେଙ୍କ ଅଧିନାୟକତ୍ୱରେ ଭାରତୀୟ ଦଳ ଖେଳୁଛି । ଏସିଆର ୮ଟି ଦେଶ ଏଥିରେ ଅଂଶଗ୍ରହଣ କରୁଛନ୍ତି । ଭାରତ ସହିତ ଗ୍ରୁପ୍-ଏରେ ୟୁଏଇ, ପାକିସ୍ତାନ ଏବଂ ମାଲେସିଆ ରହିଛନ୍ତି । ଗ୍ରୁପ୍-ବିରେ ବାଂଲାଦେଶ, ଶ୍ରୀଲଙ୍କା, ଆଫଗାନିସ୍ତାନ ଏବଂ ନେପାଳ ସ୍ଥାନିତ ହୋଇଛନ୍ତି । ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ରେ ଶୀର୍ଷ ଦୁଇଟି ଦଳ ସେମିଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହେବେ । ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ଆସନ୍ତା ୨୧ ତାରିଖରେ ଖେଳାଯିବ ।

## ମେସି-ମୁମ୍ବାଇ

ଗ୍ରେଟେଷ୍ଟ ଅଫ୍ ଅଲ୍ ଟାଇମ୍ ଇଣ୍ଡିଆ ଟୁର୍ ମାଧ୍ୟମରେ ତିନିଦିନିଆ ଭାରତ ଗସ୍ତରେ ଆସିଥିବା ଆର୍ଜେଣ୍ଟିନାର ଖ୍ୟାତନାମା ଫୁଟବଲ ଖେଳାଳି ଲିଓନେଲ ମେସି ଆଜି ମୁମ୍ବାଇରେ ପହଞ୍ଚିଛନ୍ତି । ଭାରତର ୪ଟି ସହରକୁ ଗସ୍ତ କରିବାର କାର୍ଯ୍ୟସୂଚୀ ମଧ୍ୟରୁ ଶ୍ରୀ ମେସିଙ୍କର ଏହା ହେଉଛି ତୃତୀୟ ସ୍ଥାନ । ବାର୍ବନ ଷ୍ଟାଡିୟମର କ୍ରିକେଟ୍ କ୍ଲବ୍ ଅଫ୍ ଇଣ୍ଡିଆ ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ମେସି ସଂଧ୍ୟା ୫ଟାରେ ୱାଙ୍ଖେଡେ ଷ୍ଟାଡିୟମରେ ପହଞ୍ଚିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି । ଶ୍ରୀ ମେସି ଗତକାଲି ସକାଳେ କୋଲକାତାରେ ପହଞ୍ଚିଥିଲେ । ସର୍ଟଲେକ୍ ଷ୍ଟାଡିୟମଠାରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ସେ ହାଇଦ୍ରାବାଦ ଗସ୍ତ କରିଥିଲେ । ତାଙ୍କ

ସହ ଲୁଇସ୍ ସୁଆରେଜ୍ ଏବଂ ଆର୍ଜେଣ୍ଟିନା ବିଶ୍ୱକପ୍ ବିଜେତା ଦଳର ଖେଳାଳି ରୋଡ୍ରିଗୋ ଡିପଲ୍ ଭାରତ ଗସ୍ତରେ ଆସିଛନ୍ତି ।